**OFFICE OF THE COLLECTOR & DISTRICT MAGISTRATE, KATAKA**

ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟ, କଟକ

(ଭୂ-ଅର୍ଜନ ବିଭାଗ)

ସଂଖ୍ୟା : ୧୯୧୪ ତା: ୨୩.୦୯.୨୦୨୬

କଟକ ଜିଲ୍ଲାରେ "ଜାତୀୟ ରାଜପଥ ନଂ.୪୨/୫୫ ର ସଂପ୍ରସାରଣ" ନିମନ୍ତେ ଭୂ-ଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀ ଜାତୀୟ ରାଜପଥ ନଂ-୪୨/ ୫୫ ଙ୍କ କାର୍ଯ୍ୟାଳୟରେ ଭୂ-ଅର୍ଜନ ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ ୬ ମାସ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ଏହି କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞାପନ ସଂଖ୍ୟା:୧୮୦୨, ତା: ୦୭.୦୯.୨୦୨୬ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଇଥିଲା । ଉକ୍ତ ବିଜ୍ଞାପନ ଅନୁଯାୟୀ ଆବେଦନ ଗ୍ରହଣର ଶେଷ ତାରିଖ ୧୧.୦୯.୨୦୨୬ ଧାର୍ଯ୍ୟ କରାଯାଇଥିଲା ।

ତେବେ, ଆବେଦନକାରୀ ମାନଙ୍କର ସୁବିଧା ଏବଂ ଅଧିକ ସଂଖ୍ୟକ ଯୋଗ୍ୟ ପ୍ରାର୍ଥୀଙ୍କୁ ଆବେଦନ କରିବାର ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ, ଉକ୍ତ ବିଜ୍ଞାପନ ଅନୁଯାୟୀ ଆବେଦନ ଗ୍ରହଣର ଶେଷ ତାରିଖ ୧୧.୦୯.୨୦୨୬ ରୁ ପରିବର୍ତ୍ତନ କରାଯାଇ ୩୦.୦୯.୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ।

ଏହି ପରିପ୍ରେକ୍ଷୀରେ, ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ବର୍ତ୍ତମାନ ବୃଦ୍ଧି କରାଯାଇଥିବା ଶେଷ ତାରିଖ ଅର୍ଥାତ୍ ୩୦.୦୯.୨୦୨୬ ମଧ୍ୟରେ ବିଜ୍ଞାପନରେ ଉଲ୍ଲେଖିତ ନିୟମାବଳୀ ଓ ପ୍ରକ୍ରିୟା ଅନୁସରଣ କରି ନିଜ ଆବେଦନପତ୍ର ଦାଖଲ କରିପାରିବେ ।

ଉକ୍ତ ବିଜ୍ଞାପନରେ ଉଲ୍ଲେଖିତ ଅନ୍ୟାନ୍ୟ ସମସ୍ତ ସର୍ତ୍ତାବଳୀ, ଯୋଗ୍ୟତା, ଚୟନ ପ୍ରକ୍ରିୟା ଏବଂ ନିଯୁକ୍ତି ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକ ଅପରିବର୍ତ୍ତିତ ରହିବ। ଏହି ବିଜ୍ଞପ୍ତି ମାଧ୍ୟମରେ କେବଳ ଆବେଦନ ଗ୍ରହଣର ଶେଷ ତାରିଖରେ ପରିବର୍ତ୍ତନ କରାଯାଇଛି ।

ଜିଲ୍ଲାପାଳ - ଏବଂ - ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଆଦେଶକ୍ରମେ

୨୨.୦୯.୨୦୨୬

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ

ଉପ-ପତ୍ର ସଂଖ୍ୟା......୧୫୧୪...... ତା......୨୩.୦୫.୨୦୨୬......

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, କଟକ/ ସମସ୍ତ ତହସିଲଦାରଙ୍କୁ ବହୁଳ ପ୍ରଚାର/ ପ୍ରସାର ନିମନ୍ତେ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶିତ କରି ସାଧାରଣରେ ଅବଗତ କରିବା ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ

ଉପ-ପତ୍ର ସଂଖ୍ୟା......୧୫୧୬...... ତା......୨୩.୦୫.୨୦୨୬......

ଏହାର ଏକକିତା ନକଲ ଜିଲ୍ଲା ୱେବସାଇଟ୍ ରେ ପ୍ରକାଶ କରିବା ନିମନ୍ତେ ଜିଲ୍ଲା ଇ-ଶାସନ ପ୍ରବନ୍ଧକଙ୍କ ନିକଟକୁ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ

COLCTT-LACCALA-LA-0029-2026/8/2026

**OFFICE OF THE COLLECTOR& DISTRICT MAGISTRATE, KATAKA**

**ଜିଲ୍ଲାପାଳଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ କାର୍ଯ୍ୟାଳୟ, କଟକ**

(ଭୂ-ଅର୍ଜନ ବିଭାଗ)

ସଂଖ୍ୟା : ୧୮୦୨ ତା: ୦୭.୦୮.୨୦୨୬

"ଜାତୀୟ ରାଜପଥ ନଂ.୪୨/୫୫" ର ସଂପ୍ରସାରଣନିମନ୍ତେ କାର୍ଯ୍ୟ କରିବା ପାଇଁ ରାଜସ୍ୱ ବିଭାଗରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ୬ ମାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ବିଜ୍ଞାପନ ।

କଟକ ଜିଲ୍ଲାରେ "ଜାତୀୟ ରାଜପଥ ନଂ.୪୨/୫୫ ର ସଂପ୍ରସାରଣ" ନିମନ୍ତେ ଭୂ-ଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀ ଜାତୀୟରାଜପଥ ନଂ-୪୨/ ୫୫ ଙ୍କ କାର୍ଯ୍ୟାଳୟରେ ଭୂ-ଅର୍ଜନ ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ ୬ ମାସ ନିମନ୍ତେ ଚୁକ୍ତିଭିତ୍ତିକ କାର୍ଯ୍ୟ କରିବା ପାଇଁ ଅବସରପ୍ରାପ୍ତ ଯୋଗ୍ୟ କର୍ମଚାରୀମାନଙ୍କ ଠାରୁ ନିମ୍ନଲିଖିତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା.୧୧/୦୯/୨୦୨୬ ରିଖ ଅପରାହ୍ନ ୫.୩.୦ ମିନିଟ୍ ଅଟେ ।

ପଦବୀ ଓ ମାସିକ ପାରିଶ୍ରମିକ ବିବରଣୀ

| କ୍ରମିକ ସଂଖ୍ୟା | ପଦବୀ | ଯୋଗ୍ୟତା | ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ |
|---|---|---|---|---|
| ୧ | ରାଜସ୍ୱ ଅଧିକାରୀ | ଅବସରପ୍ରାପ୍ତ ଓ.ପ୍ର.ସେ/ଓ.ରା.ସେ | ୦୧ | ୩୦,୦୦୦/- |
| ୨ | ସହାୟକ ତଥା ହିସାବରକ୍ଷକ | ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ/ବରିଷ୍ଠ ସହାୟକ | ୦୧ | ୨୦,୦୦୦/- |

COLCTT-LACCALA-LA-0029-2026/7/2026

| | | | | |
|---|---|---|---|---|
| ୩ | ଅମିନ | ଅବସରପ୍ରାପ୍ତ ରାଜସ୍ୱ ପରିଦର୍ଶକ/ନିରୀକ୍ଷକ,ଅମିନ | ୦୧ | ୧୬,୦୦୦/- |
| | ମୋଟ୍ | | ୦୩ | |

ଏହି ପଦବୀ ପାଇଁ ଆଗ୍ରହୀ ଥିବା ରାଜସ୍ୱ ବିଭାଗରୁ ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ଦରଖାସ୍ତ ତା. ୧୧/୦୯/୨୦୨୬ ରିଖ ଦିବା ୪.୩୦ ମଧ୍ୟରେ ଭୂ-ଅର୍ଜନ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ସମ୍ପୃକ୍ତ ତାରିଖ ଗତେ ଦଖଲ କରାଯାଇଥିବାଦ ରଖାସ୍ତ ଅଗ୍ରାହ୍ୟ ହେବ ।

## ସୂଚନା ଓ ସର୍ତ୍ତାବଳୀ

୧. ଏହି ନିଯୁକ୍ତି ୬ ମାସ ନିମତେ ବୈଧ ରହିବ ଏବଂ ଆବଶ୍ୟକ ସ୍ଥଳେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକାଳ ବୃଦ୍ଧି କରାଯିବ ।

୨. ଏହି ନିଯୁକ୍ତି ଜିଲ୍ଲାପାଳ, କଟକଙ୍କ ଦ୍ୱାରା ଗଠିତ କମିଟି ମାଧ୍ୟମରେ କରାଯିବ ।

୩. ଯେଉଁ ଅଧିକାରୀମାନେ ଅବସର ଗ୍ରହଣର ନିର୍ଦ୍ଧାରିତ ବୟସରେ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି ଏବଂ ଯେଉଁମାନଙ୍କର ବୟସ ୬୪ (ଚଉଷଠି) ବର୍ଷରୁ କମ୍ଏବଂ ଶାରୀରିକ ଭାବେ ସୁସ୍ଥ ଥିଲେ ପୁନଃନିଯୁକ୍ତି ପାଇଁ ବିଚାର ନିମତେ ଯୋଗ୍ୟ ହେବେ।

୪. ଯେଉଁ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାମୂଳକ ପଦକ୍ଷେପ, ଫୌଜଦାରୀ ମାମଲା କିମ୍ବା ଭିଜିଲାନ୍ସ ତଦନ୍ତ ବିଚାରାଧିନ ଅଛି କିମ୍ବା ଗତ ପାଞ୍ଚ ବର୍ଷ ମଧ୍ୟରେ ଅସଦାଚରଣ ପାଇଁ ଦଣ୍ଡିତ କରାଯାଇଛି ସେହି ଅଧିକାରୀଙ୍କୁ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚନା କରାଯିବ ନାହିଁ । ତେଣୁ ଦରଖାସ୍ତକାରୀ ଏହି ସମ୍ବନ୍ଧୀୟ ଏକ ଘୋଷଣାନାମା ଦାଖଲ କରିବେ ।

୫. ଅଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତାକୁ ନିୟମିତ ଭାବେ ସମୀକ୍ଷା କରାଯିବ ।

୬. ଅଧିକାରୀ ମାନଙ୍କର OSWAS ରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ କମ୍ପ୍ୟୁଟର ଜ୍ଞାନ ଥିବା ଉଚିତ୍ ।

୭. ଆବେଦନକାରୀ ମାନେ ନିମ୍ନରେ ଦିଆଯାଇଥିବା ନିର୍ଦ୍ଧାରିତ ଆବେଦନ ଫର୍ମରେ ଦରଖାସ୍ତ ଦାଖଲ କରିବେ ।

୮. ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ନିଯୁକ୍ତିକୁ ଯେକୌଣସି ସମୟରେ ରଦ୍ଦ କରିଦିଆଯିବ ।

୦୭.୦୨.୨୦୨୬

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ

ଉପ-ପତ୍ର ସଂଖ୍ୟା......୧୮୦୩...... ତା......୦୭.୦୫.୨୦୨୬

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, କଟକ/ ସମସ୍ତ ତହସିଲଦାରଙ୍କୁ ବହୁଳ ପ୍ରଚାର/ ପ୍ରସାର ନିମନ୍ତେ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶିତ କରି ସାଧାରଣରେ ଅବଗତ କରିବା ନିମନ୍ତେ ପ୍ରେରଣ କରାଗଲା ।

୦୭.୦୨.୨୦୨୬

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ

ଉପ-ପତ୍ର ସଂଖ୍ୟା......୧୮୦୪...... ତା......୦୭.୦୫.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ୱେବସାଇଟ୍ ରେ ପ୍ରକାଶ କରିବା ନିମନ୍ତେ ଜିଲ୍ଲା ଇ-ଶାସନ ପ୍ରବନ୍ଧକଙ୍କ ନିକଟକୁ ପ୍ରେରଣ କରାଗଲା ।

୦୭.୦୨.୨୦୨୬

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ

## ଚୁକ୍ତିଭିତ୍ତିକ ଭାବେ ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ / ସହାୟକ-ତଥା-ହିସାବରକ୍ଷକ / ଅମିନଙ୍କ ପୁନଃନିଯୁକ୍ତି ପାଇଁ ଆବେଦନ ଫର୍ମ

୧. ଆବେଦନକାରୀଙ୍କ ନାମ :

୨. ପିତାଙ୍କ ନାମ :

୩. ଜନ୍ମ ତାରିଖ :

୪. ଶିକ୍ଷାଗତ ଯୋଗ୍ୟତା :

୫. ଅବସର ଗ୍ରହଣ ତାରିଖ :

୬. ଅବସର ଗ୍ରହଣ ସମୟରେ ଧାରଣ କରିଥିବା :

ପଦବୀ ଏବଂ କାର୍ଯ୍ୟାଳୟର ନାମ
(ଅବସର ଆଦେଶର ନକଲ ସଂଲଗ୍ନ କରାଯାଇପାରେ।)

୭. ନିର୍ଦ୍ଧାରିତ ଅବସର ବୟସ ପୂରଣ ହେତୁ ଅବସର :

ଗ୍ରହଣ କରିଛନ୍ତି କି ନାହିଁ

୮. ବର୍ତ୍ତମାନର ଠିକଣା :

୯. ସ୍ଥାୟୀ ଠିକଣା :

୧୦. ଆବେଦନକାରୀଙ୍କ ବିରୋଧରେ କୌଣସି ବିଭାଗୀୟ :

କାର୍ଯ୍ୟାନୁଷ୍ଠାନ, ଫୌଜଦାରୀ ମାମଲା କିମ୍ବା ଭିଜିଲାନ୍ସ ତଦନ୍ତ

ଆରମ୍ଭ ହୋଇଛି କିମ୍ବା ପ୍ରସ୍ତାବିତ/ବିଚାରାଧୀନ ଅଛି କି?

ଯଦି ହଁ, ତେବେ ଏହା ଦୋଷସିଦ୍ଧି କିମ୍ବା କୌଣସି ଦଣ୍ଡ ଲାଗୁ

ହେବାରେ ପରିଣତ ହୋଇଛି କି? ଯଦି ବିଚାରାଧୀନ ଅଛି,

ତେବେ ସବିଶେଷ ବିବରଣୀ ଦିଅନ୍ତୁ।

୧୧. କାର୍ଯ୍ୟ ଅଭିଜ୍ଞତା :
(ପୃଥକ ବିବରଣୀ ପତ୍ର ସଂଲଗ୍ନ କରାଯାଇପାରେ।)

୧୨. ଯୋଗାଯୋଗ ବିବରଣୀ:

ମୋବାଇଲ୍ ନମ୍ବର:-/ ଇ-ମେଲ୍ ଆଇଡି:-

ଘୋଷଣା

ମୁଁ ଶ୍ରୀ/ଶ୍ରୀମତୀ ____________________, ପୁତ୍ର/ପତ୍ନୀ____________________ଙ୍କ, ଏତଦ୍ୱାରା ଘୋଷଣା କରୁଛି ଯେ, ଉପରୋକ୍ତ ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟ ମୋର ଜ୍ଞାନ ଓ ବିଶ୍ୱାସ ଅନୁସାରେ ସତ୍ୟ ଓ ସଠିକ୍ ଅଟେ । ଯଦି କୌଣସି ସମୟରେ ଉକ୍ତ ତଥ୍ୟ ଭୁଲ୍ କିମ୍ବା ଅସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ କୌଣସି କାରଣ ଦର୍ଶାଇବା ବିନା ମୋର ପୁନଃନିଯୁକ୍ତି ବାତିଲ କରାଯାଇପାରିବ ଏବଂ ମୋ ବିରୋଧରେ ଆଇନ ଅନୁଯାୟୀ ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ଥାନ

ଆବେଦନକାରୀଙ୍କ ସ୍ୱାକ୍ଷର

ତାରିଖ